# ରାଉରକେଲା ମହାନଗର ନିଗମ, ରାଉରକେଲା

**ସଂଖ୍ୟା ନଂ** 6781 **ତା** 25/05/22

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ ଅଧିନରେ ଥିବା ନିମ୍ନଲିଖିତ ସଇରତ ଗୁଡ଼ିକ ତା ୧.୦୬.୨୦୨୨ ରିଖରୁ ତା ୩୧.୦୩.୨୦୨୩ ରିଖ ପର୍ଯ୍ୟନ୍ତ ଜଉମୁଦ ନିଲାମ ଡ଼ାକ ଦ୍ୱାରା ଆବଂଟନ କରାଯିବ। ଆଗ୍ରହୀ ବ୍ୟକ୍ତି/ ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡର ରେ ଅଂଶ ଗ୍ରହଣ କରିପାରିବେ। ବିଭିନ୍ନ ସଇରତ ଗୁଡ଼ିକର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନ ମତେ ଦିଆଗଲା।

| କ୍ର :ନଂ | ସଇରତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧. | ଟ୍ରାଫିକଗେଟ୍ ପରିବା ମାର୍କେଟ, ରାଉରକେଲା | ୬,୩୬,୮୪୫/- | ୬୩,୬୮୪/- | ତା ୩୧.୦୫.୨୦୨୨<br>ସ୍ଥାନ- ରାଉରକେଲା ମହାନଗର ନିଗମ ସଭାଗୃହ<br>ଟେଣ୍ଡର ପକାଇବା ସମୟ- ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା<br>ଟେଣ୍ଡର ଖୋଲିବା ସମୟ- ଅପରାହ୍ନ ୪.୦୦ ଘଟିକା |
| ୨. | ଛେଣ୍ଡ ସାପ୍ତାହିକ (ଶୁକ୍ରବାର) ବଜାର | ୮୪,୫୩୫/- | ୮,୪୫୩/- | |
| ୩. | ଅମର ଭବନ ପାର୍କିଂ ସ୍ପେସ୍ | ୩,୫୩,୨୪୧/- | ୩୫,୩୨୪/- | |
| ୪. | ପାର୍କିଂ ସ୍ପେସ୍ ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ | ୧,୧୬,୬୦୦/- | ୧୧,୬୬୦/- | |
| ୫. | ପାନପୋଷ ପରିବା ମାର୍କେଟ | ୨,୯୪,୨୮୪/- | ୨୯,୪୨୮/- | |

**ସର୍ତ୍ତାବଳୀ:-**

୧) ପୂର୍ବ ବର୍ଷରୁ ବକେୟା ଦେୟଥିବା ବ୍ୟକ୍ତି /ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ।

୨) ନିଲାମରେ ଭାଗନେବା ପାଇଁ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ସ୍ଥାନ ଓ ସମୟରେ ଉପସ୍ଥିତ ରହି ନିର୍ଦ୍ଧାରି ଆବେଦନ (ଟ.୫୦୦.୦୦ ମୂଲ୍ୟ) ସମ୍ପୃକ୍ତ ସଇରତର ଡ଼ାକ ମୂଲ୍ୟ ପୂରଣ କରି ନିଲାମ ଡ଼ାକରେ ଅଂଶ ଗ୍ରହଣ କରିପାରିବେ ନିଲାମ ଡ଼ାକ, ଦାଖଲକାରୀ ନିର୍ଦ୍ଧାରିତ ସଇରତର ଅମାନତ ରାଶି ମହାନଗର ନିଗମ ପାଣ୍ଠିରେ ଜମା କରି ରସିଦ ହାସ କରିବେ, ଅନ୍ୟଥା ନିଲାମ ଡ଼ାକରେ ଅଂଶ ଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କର ଡ଼ାକ ମୂଲ୍ୟକୁ ଅସିଦ୍ଧ ଘୋଷ କରାଯିବ।

୩. ଯାହାଙ୍କ ସପକ୍ଷରେ ସର୍ବୋଚ ଡ଼ାକ ନିଲାମ ସିଦ୍ଧ ହେବ ସେ ଉକ୍ତ ନିଲାମ ଡ଼ାକରେ ଅର୍ଦ୍ଧେକ ରାଶି ଏକ କାଳୀନ ଦାଖ କରିବେ ନଚେତ୍ ତାଙ୍କର ଅମାନତ ଟଙ୍କା ବ୍ୟାଜାପ୍ତି କରାଯାଇ ପରବର୍ତୀ ସର୍ବୋଚ ନିଲାମ ଦର ଦାଖଲକାରୀ ବ୍ୟକ୍ତି ସଇରତ ଆବଂଟନ କରାଯିବ, ନଚେତ୍ ଉକ୍ତ ସଇରତର ପୁନର୍ବାର ନିଲାମ ଡ଼ାକ କରାଯିବ।

୪) ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ନିଲାମ ଡ଼ାକ ଓ ଆବଂଟନ ବାବଦରେ ଚୂଡ଼ାନ୍ତ ନିଷ୍ପତି ଗ୍ରହଣ କରିପାରିବେ ।

୫) ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ କାର୍ଯ୍ୟାଳୟରେ ମିଳି ପାରିବ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା** 6782 **ତା** 25/05/22

ଏହି ବିଜ୍ଞପ୍ତିର ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ରେ ପ୍ରକାଶନ କରଗଲା।

ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ଏକ ଦୈନିକ ଖବର କାଗଜରେ ଏକଦିନ ପ୍ରକାଶନ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ MIS Programmer , www.rmc.nic.in ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।

ଆୟୁକ୍ତ
ରାଉରକେଲା ମହାନଗର ନିଗମ